**ପତ୍ରାଙ୍କ ଏମ୍. ସି. ଏଲ୍/ଡିପି/୯୮/ଡିସ୍ପଆକ୍ଟ/୫୬/୭୨୯**
**ତାରିଖ ୭/୧୦-୮-୯୮ ର ନକଲ**

ମହାନଦୀ କୋଲ୍‌ଫିଲ୍‌ଡ୍ସ ଲିମିଟେଡ୍‌ର ସଦର, ଦପ୍ତରରେ ଅବସ୍ଥାପିତ କର୍ମଚାରୀମାନଙ୍କ ବିରୁଦ୍ଧରେ ଆଗତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାର ସୁଷ୍ଠ ପରିଚାଳନାକୁ ଧ୍ୟାନରେ ରଖି ମହାପ୍ରବନ୍ଧକ (କାର୍ମିକ), ମହାନଦୀ କୋଲଫିଲଡ୍ସ ଲିମିଟେଡ୍ ଙ୍କୁ ସକ୍ଷମ (ଭାରପ୍ରାପ୍ତ) ଅଧିକାରୀ ଭାବରେ ପ୍ରତିନିୟୁକ୍ତ କରାଗଲା; ଏବଂ ସେ କାର୍ମିକ ନିର୍ଦ୍ଦେଶକ କିମ୍ବା ଅନ୍ୟ କାର୍ଯ୍ୟରତ ନିର୍ଦ୍ଦେଶକଙ୍କର ସ୍ୱୀକୃତି ନେଇ ସମ୍ପୃକ୍ତ କର୍ମଚାରୀ ମାନଙ୍କ ବିରୁଦ୍ଧରେ ଅଭିଯୋଗପତ୍ର ଓ ଦଣ୍ଡାଦେଶ ଜାରୀ କରିପାରିବେ ।

ଉକ୍ତ ଆଦେଶ ମହାନଦୀ କୋଲ୍‌ଫିଲ୍‌ଡ୍ସ ଲିମିଟେଡର ଅଧ୍ୟକ୍ଷ-ସହ-ପ୍ରବନ୍ଧ ନିର୍ଦ୍ଦେଶକଙ୍କର ସ୍ୱୀକୃତି ନେଇ ଜାରୀ କରାଗଲା

ଗୋପିକାନ୍ତ ଚୌଧୁରୀ
ନିର୍ଦ୍ଦେଶକ (କାର୍ମିକ)

**ବିତରଣ :**

୧. ଇଟି, ଭିଜିଲାନ୍ସ

୨. ସମସ୍ତ ବିଭାଗିୟ ମୁଖ୍ୟ

୩. ମହାପ୍ରବନ୍ଧକ, କାର୍ମିକ

୪. ଇଏସ୍-ସି. ଏମ ଡି

୫. ସେକ୍ରେଟେରୀ : ବୈଷୟିକ ନିର୍ଦ୍ଦେଶକ

୬. ସେକ୍ରେଟେରୀ : ବିତ୍ତ ନିର୍ଦ୍ଦେଶକ

# ଭୂମିକା

ଏହି ସ୍ଥାୟୀ ଆଦେଶ ଶ୍ରୀ ଏସ୍. କେ ମୁଖୋପାଧ୍ୟାୟ ଆଞ୍ଚଳିକ ଶ୍ରମକମିଶନର (କେନ୍ଦ୍ରୀୟ) ବମ୍ବେ ତଥା ପ୍ରମାଣକର୍ତ୍ତା ଅଧିକାରୀଙ୍କ ଦ୍ୱାରା ମୌଳିକ ଭାବରେ ମେସର୍ସ ମହାନଦୀ କୋଲ୍ ଫିଲଡସ୍ ଲିମିଟେଡ୍, ବୁର୍ଲା, ସମ୍ବଲପୁରଙ୍କ ନିମନ୍ତେ ତା ୮. ୭. ୧୯୯୧ ରିଖ ଦିନ ଅନୁମୋଦନ କରାଯାଇଥିଲା ।

ଉପରୋକ୍ତ ଆଦେଶକୁ ପୁନଃ ଶ୍ରୀ ଜି. ଆର୍. ମାଝୀ, ଉପମୁଖ୍ୟ ଶ୍ରମକମିଶନର (କେନ୍ଦ୍ରୀୟ) ତଥା ଅପିଲ ଅଧିକାରୀଙ୍କ ଦ୍ୱାରା କେତେକ ଶ୍ରମିକ ସଂଗଠନ ଏବଂ ପ୍ରବନ୍ଧନ (ପ୍ରବନ୍ଧତନ୍ତ୍ର) ଦ୍ୱାରା ଅପିଲ ଦାଖଲ କରାଯାଇଥିବା କାରଣରୁ କେତେକ ଅଂଶ (ବାକ୍ୟାଂଶ)ରେ ସଂଶୋଧିତ ହୋଇ ତା ୫.୧୧.୯୨ ଦିନ ଅନୁମୋଦନ ତଥା ପ୍ରତିଅନୁମୋଦନ କରାଯାଇଥିଲା ।

ଏହି ପୁସ୍ତକରେ କ୍ଷମତା ଅର୍ପଣ/ ଅପିଲ ଆଦି ସଂପର୍କରେ ଜାରି ପରିପତ୍ର/ ଶୁଦ୍ଧିପତ୍ର/ଅନୁଶେଷ ସଂଲଗ୍ନ କରାଯାଇଛି ।

ଇଂରାଜୀରୁ ଓଡ଼ିଆରେ ଯଥାସମ୍ଭବ ଅନୁବାଦ କରାଯାଇଛି । ତଥାପି କୌଣସି ଖଣ୍ଡ କିମ୍ବା ବାକ୍ୟାଂଶ/ ଶବ୍ଦବିଷୟରେ ସନ୍ଦେହ ହେଲେ ମୂଳ ଇଂରାଜୀ ରୂପକୁହିଁ ସଠିକଭାବେ ଗ୍ରହଣ କରାଯିବ ।

# ମେସର୍ସ ମହାନଦୀ କୋଲଫିଲ୍ଡ୍ସ ଲିମିଟେଡ, ବୁର୍ଲା, ସମ୍ବଲପୁର ସମ୍ବନ୍ଧିତ ସ୍ଥାୟୀ ଆଦେଶ

## ୧. ପ୍ରାରମ୍ଭ ଓ ପ୍ରୟୋଗ :

ଉକ୍ତ ସ୍ଥାୟୀ ଆଦେଶ ସମୂହ ଔଦ୍ୟୋଗୀକ ନିଯୁକ୍ତି (ସ୍ଥାୟୀ ଆଦେଶ) ଅଧିନିୟମ ୧୬୪୬ ରେ ପ୍ରଦତ୍ତ ଥିବା ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଧାରିତ ଏକ ତାରିଖଠାରୁ ବଳବତ୍ତର ହେବ, ଏବଂ ମହାନଦୀ କୋଲଫିଲଡ୍ସ ଲିମିଟେଡର ଅର୍ନ୍ତଗତ ଦେଶର ବିଭିନ୍ନ ସ୍ଥାନରେ ଅବସ୍ଥିତ ଏକକ (ଯାହାକି ଔଦ୍ୟୋଗୀକ ନିଯୁକ୍ତି (ସ୍ଥାୟୀ) ଆଦେଶ) ଅଧିନିୟମ ୧୯୪୬ ରେ ପ୍ରଦତ୍ତ ପରିଭାଷା ଅନୁସାରେ ଔଦ୍ୟୋଗୀକ ସଂସ୍ଥାରୂପେ ପରିଭାଷିତ) ସମୂହରେ ନିଯୁକ୍ତି ପ୍ରାପ୍ତ ତଥା ଜାତୀୟ - କୋଇଲା ବେତନ ରାଜିନାମାର ଅନ୍ତର୍ଗତ ସମସ୍ତ କର୍ମଚାରୀଙ୍କ ପ୍ରତି ଲାଗୁ ହେବ ।

ଅଧିନିୟମର ଧାରା ୧୩ - ଖ ଅଧୀନରେ ଯେଉଁ କର୍ମଚାରୀମାନଙ୍କୁ ବାଦ୍ ଦିଆଯାଇଛି, ସେମାନଙ୍କ ପ୍ରତି ଏହି ସ୍ଥାୟୀ ଆଦେଶ ଲାଗୁ ହେବ ନାହିଁ ।

## ୨. ପରିଭାଷା :

୨.୧ "ଉପସ୍ଥିତି "ଅର୍ଥ ସମ୍ବନ୍ଧିତ କର୍ମଚାରୀ ସେହିସ୍ଥାନରେ ଉପସ୍ଥିତ ରହିବା, ଯେଉଁଠି ସେ ନିଯୁକ୍ତିର ସର୍ତ୍ତଅନୁସାରେ ରିପୋର୍ଟ କରିବା ଆବଶ୍ୟକ ତଥା ନିଜର ଉପସ୍ଥିତି ଅଙ୍କିତ କରନ୍ତି ।

୨.୨ "କମ୍ପାନୀ "ର ଅର୍ଥ (ଏଠାରେ ନାମ) ମହାନଦୀ କୋଲ୍ଫିଲଡ୍ସ ଲିମିଟେଡ୍ ଅଟେ ।

୨.୩ "ସକ୍ଷମ ଅଧିକାରୀ/ ଭାରପ୍ରାପ୍ତ ଅଧିକାରୀ" କହିଲେ ସେହି ଅଧିକାରୀଙ୍କୁ ବୁଝାଏ, ଯାହଙ୍କୁ ସମ୍ବନ୍ଧିତ ଅଧକ୍ଷ ପ୍ରବନ୍ଧ ନିର୍ଦ୍ଦେଶକ ଏହିସ୍ଥାୟୀ ଆଦେଶ ଉଦ୍ଦେଶ୍ୟରେ ଲିଖିତ ଆଦେଶ ଦେଇ ବିଶେଷ ଭାବେ ନାମିତ କରିଥିବେ, ଏହି ପ୍ରକାରର ଆଦେଶ ସୂଚନା ପଟ୍ଟରେ ଲଗାଯିବ ଏବଂ ଏହାର ପ୍ରତିଲିପି ପଂଜୀକୃତ ଶ୍ରମିକ ସଂଘମାନଙ୍କୁ ଦିଆଯିବ ।

୨.୪ "ନିଯୁକ୍ତିକାରୀ" କହିଲେ ଔଦ୍ୟୋଗୀକ ନିଯୁକ୍ତି (ସ୍ଥାୟୀ ଆଦେଶ) ଅଧିନିୟମ ୧୯୪୬ ଅଧିନରେ କୁହାଯାଇଥିବା ସମାନ ଅର୍ଥକୁ ବୁଝାଯିବ ।

୨.୫ "ସଂସ୍ଥା"ର ଅର୍ଥ କମ୍ପାନୀ ଅଧୀନରେ ଥିବା ଔଦୋଗିକ ସଂସ୍ଥାକୁ ବୁଝାଇବ ।

୨.୬ ସନ୍ଦର୍ଭ ଅନୁସାରେ "ଶ୍ରମିକ" ଶବ୍ଦ ଉଭୟ ମହିଳା ଏବଂ ପୁରୁଷ ଶ୍ରମିକ କୁ ବୁଝାଇବ ।

୨.୭ "ଖଣିର" ଅର୍ଥ ଖଣି ଅଧିନିୟମ ୧୯୫୨ ରେ ପରିଭାଷିତ ଖଣି କୁ ବୁଝାଇବ ।

୨.୮ "ଚିକିତ୍ସା ଅଧିକାରୀ"ର ଅର୍ଥ କମ୍ପାନୀର ମୁଖ୍ୟ ଚିକିତ୍ସା ଅଧିକାରୀ କିମ୍ବା କମ୍ପାନୀର ଅନ୍ୟକୌଣସି ଚିକିତ୍ସା ଅଧିକାରୀ ଅଟେ ।

୨.୯ "ସୂଚନାପଟ୍ଟ"ର ଅର୍ଥ ଏହିପରି ସୂଚନା ପଟ୍ଟ ଯାହା ପ୍ରତ୍ୟେକ ଖଣି/ସଂସ୍ଥାରେ ସ୍ଥାୟୀ ଆଦେଶ ଉଦ୍ଦେଶ୍ୟରେ ବିଶେଷ ଭାବେ ଲଗାଯାଇଥିବ ।